*TOTAL QUESTIONS-30, TIME – 10 MINUTES, MARKS –30*

## ODIA

1. 'ସେ ମୋତେ ଉତ୍ତର ଦେଇନାହାନ୍ତି । (ଉକ୍ତ ବାକ୍ୟରେ କ୍ରିୟା ପଦଟି କେଉଁ ଶ୍ରେଣୀର ସୂଚାଅ)
(A) ଅକର୍ମକ (B) ସକର୍ମକ (C) ଦ୍ୱିକର୍ମକ (D) କର୍ମନୁହେଁ

2. 'ଜାନକୀ ତାକୁ ଇଂରାଜୀ ପଢ଼ାଉଛି ।' (ଉକ୍ତ ବାକ୍ୟରେ କ୍ରିୟା ପଦଟି କେଉଁ ଶ୍ରେଣୀର ସୂଚାଅ)
(A) ସକର୍ମକ (B) ଦ୍ୱିକର୍ମକ (C) ପ୍ରେରଣାର୍ଥକ (D) ଉଭୟେ (B) ଓ (C) ଠିକ୍

3. ଧାତୁ ନିର୍ଗତ ସହାୟକ କ୍ରିୟା ପଦରୁ କେଉଁ କ୍ରିୟା ଗଠିତ ହୋଇଥାଏ ?
(A) ଏକକ କ୍ରିୟା (B) ଯୌଗିକ କ୍ରିୟା (C) ମିଶ୍ର କ୍ରିୟା (D) ଉଭୟ (B) ଓ (C) ଠିକ୍

4. ଅସଙ୍ଗତକୁ ପୃଥକ କର ?
(A) କନ୍ଦେଇବା (B) ନାକେଇବା (C) କାନ୍ଦେଇବା (D) ଆଗେଇବା

5. ଅସଙ୍ଗତ କୁ ପୃଥକ କର ?
(A) ଛୋଟେଇବା (B) ଲଟେଇବା (C) ହଣାଇବା (D) ମୁଣ୍ଡେଇବା

6. ଯେତିକି ଚୂନାକୁ ସେତିକି ପିଠା । (ରେଖାଙ୍କିତ ଅବ୍ୟୟ ପଦଦ୍ୱୟ କେଉଁଶ୍ରେଣୀର ସୂଚାଅ)
(A) ହେତୁବୋଧକ (B) ପରିମାଣ ସୂଚକ (C) କ୍ରମବୋଧକ (D) କାଳସୂଚକ ଅବ୍ୟୟ

7. ନିମ୍ନୋକ୍ତ ମଧ୍ୟରୁ କ୍ରମବୋଧକ ଅବ୍ୟୟ ନିର୍ଣ୍ଣୟ କର ।
(A) ଛାତ୍ରଟି କ୍ରମେକ୍ରମେ ପାଠରେ ଉନ୍ନତି କରୁଛି । (B) ସେ ବାରବାର ଆମଘରକୁ ଆସୁଛି ।
(C) ମେଘ ଘନଘନ ବରଷୁଛି । (D) ପିଲାଟି ଥରକୁଥର ଜ୍ୱରରେ ପଡୁଛି ।

8. 'କଇଁଛ ଧୀରେ ଚାଲେ । (ଉକ୍ତ ବାକ୍ୟରେ ଥିବା କର୍ମ ପଦକୁ ସୂଚାଅ)
(A) କଇଁଛ (B) ଧୀର (C) ଚାଲେ (D) କେଉଁଟି ବି ନୁହେଁ

9. ଅବଶ୍ୟ ତୁମକୁ ଏହା କରିବାକୁ ପଡ଼ିବ । (ରେଖାଙ୍କିତ ପଦଟି କେଉଁ ବିଶେଷଣ ସୂଚାଅ)
(A) କ୍ରିୟା ବିଶେଷଣ (B) ବାକ୍ୟର ବିଶେଷଣ (C) ସର୍ବନାମିକ ବିଶେଷଣ (D) କ୍ରିୟାଜ ବିଶେଷଣ

10. 'ଦୁର୍ଯ୍ୟୋଧନ ବଡ଼ ଅଭିମାନୀଥିଲେ, ମାତ୍ର ଯୁଧିଷ୍ଠିର ତାହା ନ ଥିଲେ ।
(ଉକ୍ତ ବାକ୍ୟରେ ବ୍ୟବହୃତ ସର୍ବନାମ ପଦଟି କେଉଁ ଅର୍ଥ ପରିବର୍ତ୍ତେ ବ୍ୟବହୃତ ହୋଇଛି ସୂଚାଅ)
(A) ବିଶେଷ୍ୟ ପରିବର୍ତ୍ତେ (B) ବିଶେଷଣ ପରିବର୍ତ୍ତେ (C) ବାକ୍ୟାର୍ଥ ପରିବର୍ତ୍ତେ (D) କେଉଁଟି ବି ନୁହେଁ

11. ନିମ୍ନୋକ୍ତ ମଧ୍ୟରୁ ଜଟିଳ ବାକ୍ୟକୁ ସୂଚାଅ ?
(A) ସେ ଚୋରି କରିବାରୁ ଦଣ୍ଡ ପାଇଲା (B) ସେ ଚୋରି କଲା ଏବଂ ଦଣ୍ଡ ପାଇଲା
(C) ଯେହେତୁ ସେ ଚୋରି କଲା ଓ ଦଣ୍ଡ ପାଇଲା (D) ସେ ଚୋରି କଲା ଓ ଦଣ୍ଡ ପାଇଲା

12. ନିମ୍ନୋକ୍ତ ମଧ୍ୟରୁ ବିସ୍ମୟ ସୂଚକ ବାକ୍ୟକୁ ସୂଚାଅ ?
(A) ଭାରତ ବିଶ୍ୱର ସବୁଠାରୁ ଅଧିକ ଶାନ୍ତି ପ୍ରିୟ ଦେଶ । (B) ଭାରତପରି ଶାନ୍ତିପ୍ରିୟ ଦେଶ ଆଉ ବିଶ୍ୱର କିଏ ଅଛି ।
(C) ଭାରତପରି ଶାନ୍ତିପ୍ରିୟ ଦେଶ ବିଶ୍ୱର ଆଉ କେଉଁଠି ଅଛି । (D) ଅନ୍ୟ କୌଣସି ଦେଶ ଭାରତ ପରି ଶାନ୍ତିପ୍ରିୟ ନୁହଁନ୍ତି ।

13. ବାଦାମ ଭଜା ସୁଆଦ ଲାଗେ । (ରେଖାଙ୍କିତ ପଦଟି କେଉଁ ବିଶେଷଣ ସ୍ଥିର କର)
(A) ଗୁଣବାଚକ ବିଶେଷଣ (B) ବିଧେୟ ବିଶେଷଣ (C) କ୍ରିୟା ବିଶେଷଣ (D) କ୍ରିୟା ବିଶେଷଣର ବିଶେଷଣ

14. ନାହିଁ ------ବସେ, ମାତ୍ର 'ନ' -----ବସେ ।
(A) ସଂଯୁକ୍ତ ପଦ କ୍ରିୟାର ପରେ, କ୍ରିୟାର ପୂର୍ବରୁ (B) କ୍ରିୟାପଦ ପୂର୍ବରୁ, କ୍ରିୟା ପଦ ପରେ
(C) ସଂଯୁକ୍ତ ପଦ କ୍ରିୟାର ପୂର୍ବରୁ, କ୍ରିୟାର ପରେ (D) କେଉଁଟି ବି ନୁହେଁ

15. ସନ୍ଧ୍ୟାରେ ତାରାମାନେ ଆକାଶରେ ଶୋଭାପାଆନ୍ତି । (ରେଖାଙ୍କିତ ପଦଟିର ବିଭକ୍ତି ସ୍ଥିର କର)
(A) ତୃତୀୟା (B) ସପ୍ତମୀ (C) ପଞ୍ଚମୀ (D) ଷଷ୍ଠୀ

16 . ଶୁଦ୍ଧ ରୂପକୁ ନିରୂପଣ କର ।
(A) ତ୍ରିବେଣୀ (B) ତ୍ରୀବେଣି (C) ତ୍ରିବେଣି (D) ତ୍ରୀବେଣୀ

17. ଶୁଦ୍ଧ ଶବ୍ଦକୁ ବାଛ ।
(A) ତୃଟି (B) ତ୍ରୁଟି (C) ତୃଟୀ (D) ତ୍ରୁଟୀ

ପ୍ରଶ୍ନ ନଂ 18 ଠାରୁ 20 ପର୍ଯ୍ୟନ୍ତ ଶୁଦ୍ଧ ଶବ୍ଦକୁ ନିର୍ଣ୍ଣୟ କର ।

18. (A) ଶୋରିଷ (B) ସୋରିଷ (C) ଶୋରିସ (D) ସୋରିଶ
19. (A) ଜାତିଆନ (B) ଜାତିଆଣ (C) ଜାତୀଆନ (D) ଜାତୀଆଣ
20. (A) ବୀଭୂଷଣ (B) ବିଭୂଷଣ (C) ବୀଭୁଷଣ (D) ବିଭୁଷଣ

ପ୍ରଶ୍ନ ନଂ 21 ଠାରୁ 25 ପର୍ଯ୍ୟନ୍ତ ବିପରୀତ ଅର୍ଥ ନିର୍ଣ୍ଣୟ କର ।

21. 'ଗ୍ରହଣ'
(A) ପ୍ରତ୍ୟାଖ୍ୟାନ (B) ବର୍ଜନ (C) ତ୍ୟାଗ (D) ସମସ୍ତ ଉତ୍ତର ଠିକ୍
22. 'ତିକ୍ତ'
(A) ଖଟା (B) ମିଠା (C) ମଧୁର (D) ପିତା
23. 'ବ୍ୟୟ'
(A) ସୟ (B) ଅବ୍ୟୟ (C) ଖର୍ଚ୍ଚ (D) ଉଭୟ (A) ଓ (B) ଠିକ୍
24. 'ଭେଦ୍ୟ'
(A) ଅଭେଦ୍ୟ (B) ଦୁର୍ଭେଦ୍ୟ (C) ନଭେଦ୍ୟ (D) ଉଭୟ (A) ଓ (B) ଠିକ୍
25. 'ସୁଶ୍ରୀ'
(A) ବିଶ୍ରୀ (B) ହତଶ୍ରୀ (C) ଅଶ୍ରୀ (D) ଉଭୟ (A) ଓ (B) ଠିକ୍

ପ୍ରଶ୍ନ ନଂ 26 ଠାରୁ 27 ପର୍ଯ୍ୟନ୍ତ ସମୋଚ୍ଚାରିତ ଶବ୍ଦର ଅର୍ଥ ନିର୍ଣ୍ଣୟ କର ।

26. 'ଅବଦ୍ୟ'
(A) ବନ୍ଦନାର ଯୋଗ୍ୟ (B) ଅକଥ୍ୟ (C) ବନ୍ଦନରୀ ଅଯୋଗ୍ୟ (D) କଥନ
27. ଅଂସ, ଅଂଶ
(A) କାନ୍ଧ, ଭାଗ (B) ଭାଗ, କାନ୍ଧ (C) ଖଣ୍ଡା, ଭାଗ (D) ଭାଗ, ଖଣ୍ଡା

ପ୍ରଶ୍ନ ନଂ 28 ଠାରୁ 30 ପର୍ଯ୍ୟନ୍ତ ପ୍ରତିଶବ୍ଦ ନିର୍ଣ୍ଣୟ କର ।

28. 'ମଘବା'
(A) ଈଶ୍ୱର (B) ଇନ୍ଦ୍ର (C) ବ୍ରହ୍ମା (D) ବିଷ୍ଣୁ
29. 'ହିରଣ୍ୟ'
(A) ସୁନା (B) ରୂପା (C) ସିଂହ (D) ହରିଣ
30. 'ଗନ୍ଧବହ'
(A) ମରୁତ (B) ବାୟୁ (C) ପବନ (D) ସମସ୍ତ ଉତ୍ତର ଠିକ୍

ଉତ୍ତର

| | | | | | | | | | |
|---|---|---|---|---|---|---|---|---|---|
| 1.(C) | 2.(D) | 3.(D) | 4.(A) | 5. (C) | 6. (B) | 7. (A) | 8. (D) | 9. (B) | 10. (B) |
| 11. (C) | 12. (B) | 13. (B) | 14. (A) | 15. (B) | 16. (A) | 17. (B) | 18. (B) | 19. (B) | 20. (B) |
| 21. (D) | 22. (C) | 23. (D) | 24. (D) | 25. (D) | 26. (B) | 27. (A) | 28. (B) | 29. (A) | 30. (D) |

**ALL THE POWER IS WITHIN YOU; YOU CAN DO ANYTHING AND EVERYTHING BELIEVE IN THAT; DON'T BELIEVE THAT YOU ARE WEAK. STAND UP AND EXPRESS THE DIVINITY WITHIN YOU"**

*******************************